

# ଭୁବନେଶ୍ୱର ସିଟି

# ଆରମ୍ଭ ହେଲାଣି ତାତି; ୱାଟର୍ ଏଟିଏମ୍ ଅଚଳ




ଭୁବନେଶ୍ୱର, ୨୧।୨(ସମିସ): ରାଜଧାନୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୱାଟର୍ ଏଟିଏମ୍ ସ୍ଥାପନ କରାଯାଇଥିଲା। ବିଶେଷ କରି ଖରାଦିନରେ ଏହି ୱାଟର ଏଟିଏମ୍ ପଥଚାରୀମାନଙ୍କୁ ବେଶ୍ ସହାୟକ ହେଉଥିବା ବେଳେ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଏଗୁଡ଼ିକ ଅଚଳାବସ୍ଥାରେ ପଡ଼ି ରହିଛି। ଦିନକୁ ଦିନ ଗରମ ଅନୁଭୂତ ହେଉଥିବା ବେଳେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଥଚାରୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଣୀବିହାର ଛକରେ ରହିଥିବା ୱାଟର ଏଟିଏମ୍‌ରେ। ଏଠାରେ ରହିଥିବା ବସଷ୍ଟପ୍‌ରେ ବସ୍‌କୁ ଅପେକ୍ଷା କରୁଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଯାତ୍ରୀମାନେ ପାଣି ଆଣିବାକୁ ଯାଇ ଫେରୁଥିବା ଦେଖିବାକୁ ମିଳିଛି। ସେହିପରି ସହରର ପ୍ରମୁଖ ସ୍ଥାନ ଗୁଡ଼ିକରେ ଅଚଳ ହୋଇ ପଡ଼ିଛି ପାନୀୟ ଜଳ ବ୍ୟବସ୍ଥା।

୨୦୧୬ ମସିହାରେ ଭୁବନେଶ୍ୱର ମହାନଗର ପକ୍ଷରୁ ସହରର ପ୍ରାୟ ବିଭିନ୍ନ ଜନଗହଳି ସ୍ଥାନଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ୱାଟର ଏଟିଏମ୍ ସ୍ଥାପନ କରାଯାଇଥିଲା। ଏଥିପାଇଁ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଥିଲା। ହେଲେ ସେଥିମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ ୱାଟର ଏଟିଏମ୍ ଦିନ କେଇଟା ପରେ ଅଚଳାବସ୍ଥାରେ ପଡ଼ି ରହିଛି। ତେବେ ସହରର ସୁବଠୁ ଜନଗହଳି ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବାଣୀବିହାର ଛକରେ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ନିଜ ଗନ୍ତବ୍ୟସ୍ଥଳକୁ ଯିବାକୁ ଏଠାରେ ଅଟୋ କିମ୍ବା ବସ୍‌କୁ ଅପେକ୍ଷା କରିଥାନ୍ତି ଛାତ୍ରଛାତ୍ରୀଙ୍କ ଠାରୁ ସରକାରୀ ଓ ବେସରକାରୀ କର୍ମଚାରୀ ଏବଂ ଦିନମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକମାନେ। ଏହି ୱାଟର ଏଟିଏମ୍‌ରେ ମାତ୍ର ୧ଟଙ୍କାରେ ୧ ଲିଟର ଥଣ୍ଡା ପାଣି ମିଳୁଥିବାରୁ ସହରବାସୀଙ୍କ ସମେତ ସହରକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକଙ୍କର ମଧ୍ୟ ପାଣି ବୋତଲ କିଣିବା ଖର୍ଚ୍ଚ ବଞ୍ଚାଉଥିଲା। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀ, ପଥଚାରୀମାନେ ଏଥିରୁ ସୁବିଧା ପାଉଥିଲେ। ହେଲେ ପ୍ରାୟ ୨ବର୍ଷ ହେବ ଅଚଳାବସ୍ଥାରେ ପଡ଼ି ରହିଛି ବିଭିନ୍ନ ସ୍ଥାନର ୱାଟର ଏଟିଏମ୍। ଗତବର୍ଷ ଖରାଦିନରେ ଏହାକୁ ସଜାଡ଼ିବା ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ବିଏମ୍‌ସିକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ସେହିପରି କଳ୍ପନାଛକ, ନତାଲା, କେଶରୀ ସିନେମା ହଲ୍ ନିକଟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ରାଜମହଲ ଛକ, ଶିରିପୁର, ଇନ୍ଫୋସିଟି ଆଦି ସ୍ଥାନରେ କେବଳ ପାନୀୟ ଜଳ ବ୍ୟବସ୍ଥାର ଚିତ୍ର ରହିଛି କିନ୍ତୁ ପାଣି ଆସୁନାହିଁ। କେଉଁଠି ମେସିନ୍ ଅଚଳ ହୋଇ ପଡ଼ିଛି ତ ଆଉ କେଉଁଠି କେବଳ ଫଳକ ରହିଛି ହେଲେ ଚିହ୍ନବର୍ଣ୍ଣ କିଛି ନାହିଁ। ଆଗକୁ ତାପମାତ୍ରା ବୃଦ୍ଧି ପାଇବା ସହ ଲୋକମାନେ ପାଣି ପାଇଁ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତୁ ସେଥିପାଇଁ ଅଚଳ ହୋଇ ପଡ଼ିଥିବା ପାନୀୟ ଜଳ ବ୍ୟବସ୍ଥା ଗୁଡ଼ିକ ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି।

## ପୁରୁଣା ଫଟୋ; ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୧।୨ (ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୁର ଜଙ୍ଗଲ ନା ଅଲଗା କିଛି। ସେଦିନର କଥା କୁ ଯିଏ ଦେଖିଛି ସିଏ କହିବ। ଆଉ ଯିଏ ଦେଖିନାହିଁ ସେ କେମିତି ଫେରିପାରିବ ସେ ପୁରୁଣା ଦିନ ପାଖକୁ। ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ଅର୍ଥାତ୍ ଫଟୋ, ଯାହାକୁ ଦେଖିଲେ ଛଳଛଳ ହେବ ଆଖି, ହୁଏତ ହସ ଖେଳିଯିବ। ମନେ ପଡ଼ିଯିବ ପୁରୁଣା ଦିନର ଅଭୁଲା କଥା। ତାକୁ ହିଁ ନେଇ ଆମର ଏହି ଉପସ୍ଥାପନା।

ସମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଅନେକ ଗୁଡିଏ ନୂଆ ପୁରୁଣା ଫଟୋ ମଧ୍ୟରୁ ଏହି ଫଟୋ ଟି ଅନ୍ୟତମ। ଅନୁମାନରୁ ଜଣାଯାଏ ଫଟୋଟି ଅନେକ ବର୍ଷ ପୁରୁଣା ଅଟେ। ଯେଉଁଠି ଦେଖିବାକୁ ମିଳିଛି ପୁରୁଣା ଭୁବନେଶ୍ୱର ଅଞ୍ଚଳର ମାଉସୀ ମା' ମନ୍ଦିର ନିକଟ ରାମକୃଷ୍ଣ ମିଶନ ହାଇସ୍କୁଲ ଫାଟକର ଫଟୋ ଚିତ୍ର। ଏହି ଫଟୋଚିତ୍ରଟି ପାଖାପାଖି ୬୫ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଇତିହାସ ପୃଷ୍ଠାରୁ ଜଣାଯାଏ ଶ୍ରୀରାମକୃଷ୍ଣଙ୍କର ଜଣେ ପ୍ରଧାନ ଶିଷ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ୧୯୧୯ ମସିହା ଅକ୍ଟୋବର ମାସ ୩୧ ତାରିଖଦିନ ଏହି ରାମକୃଷ୍ଣ ମଠ ଓ ମିଶନ ଉଦଘାଟନ କରିଥିଲେ। ମାତ୍ର ୧୯୨୦ ମସିହାରେ ଶ୍ରୀରାମକୃଷ୍ଣ ମିଶନ ପ୍ରତିଷ୍ଠିତ ହୋଇଥିଲା ବୋଲି କୁହାଯାଏ।

## କଳିଙ୍ଗ କଲେଜ ଅଫ୍ କମର୍ସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ଭୁବନେଶ୍ୱର, ୨୧।୨(ସମିସ): କଳିଙ୍ଗ କଲେଜ ଅଫ୍ କମସ୍‌ର୍, ଭୁବନେଶ୍ୱର ଏବଂ ଇଣ୍ଡିଆନ ରେଡକ୍ରସ୍ ସୋସାଇଟି ଓଡ଼ିଶା ଷ୍ଟେଟ୍ ବ୍ରାଞ୍ଚ୍ ତଥା ହରି ଓଁ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଓ ସଚେତନତା ଶିବିର କଲେଜର ଲିଙ୍ଗିପୁର କ୍ୟାମ୍ପସରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରେଡକ୍ରସର କାଉନ୍ସିଲର ଗୁଲସନ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନର ଆବଶ୍ୟକତା, ଉପଯୋଗିତା, ଉପକାରିତା ବିଷୟରେ ଅବଗତ କରାଇଥିଲେ। କର୍ଯ୍ୟକ୍ରମର ସଂଯୋଜିକା ସବାନା ନଶ୍ରୀନି ରକ୍ତଦାନ ଶିବିରର ଉଦେଶ୍ୟ ଏବଂ ଆଭିମୁଖ୍ୟ ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରଫେସର ହାଡିବନ୍ଧୁ ପଟ୍ଟନାୟକ, ସମାଜ କଲ୍ୟାଣ ପାଇଁ ରକ୍ତଦାନର ଅବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜର ନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ର, ଶୈକ୍ଷିକ ଉପଦେଷ୍ଟା ବ୍ରଜବନ୍ଧୁ ମହାନ୍ତ, ପ୍ରଶାସନିକ ଅଧିକାରୀ ଜୟପ୍ରକାଶ ପ୍ରଧାନ ଏହି ରକ୍ତଦାନ ଶିବିରରେ ଅଂଶ ଗ୍ରହଣ କରିଥିଲେ। ସାମ୍ପ୍ରତିକ ସମାଜରେ ରକ୍ତଦାନର ଆବଶ୍ୟକ୍ତା ଏବଂ ମହତ୍ତ୍ୱକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଥିଲା ଉକ୍ତ ରକ୍ତ ଦାନ ଶିବିରରେ ସମୁଦାୟ ୩୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

## ତରାଣ୍ଡୋ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



ଭୁବନେଶ୍ୱର, ୨୧।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ତରାଣ୍ଡୋସ୍ଥ ତରାଣ୍ଡୋ ହାଇସ୍କୁଲର ୧୯୮୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଜଜାଙ୍ଗ-ରାପୁର ଗ୍ରାମ ଦ୍ୱୟର ଅଧିଷ୍ଠାତ୍ରୀ ଦେବୀ ମା' ବେଲମଙ୍ଗଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୃସିଂହ ଭଦ୍ର, ଶରତ ବିଶ୍ୱାଳ, ପ୍ରଦୀପ ରାଉତ, ସୁଶୀଳ ପ୍ରଧାନ, ବସନ୍ତ ପତି, ଅନନ୍ତ ପଲାଇ, ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ବନ୍ଦନା ପାଣି, ରାଜେନ୍ଦ୍ର ତ୍ରିପାଠୀ, ସୁକାନ୍ତ ବିଶ୍ୱାଳ, ଅଜୟ ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ, ଗଙ୍ଗାଧର ସ୍ୱାଇଁ, ପ୍ରମୋଦ ସିଂ, ସହଦେବ ବେହେରା, ରମେଶ ଦାସ, ପହଲି ଭଦ୍ର, ଉମେଶ ଜେନା, ବିବେକ ମହାନ୍ତି, ନୟନା ବେହେରା ଓ ପ୍ରଭାତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଅକ୍ଷୟ ଦାସ ଓ ସନ୍ତୋଷ ମିଶ୍ର ପୁରାତନ ଛାତ୍ରଛାତ୍ରୀଙ୍କୁ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ସକ୍ରିୟ ଭାଗନେବାକୁ ଆହ୍ୱାନ ଦେଇଥିଲେ।

## କିଟ୍ ଓ କିସ୍ ପରିଦର୍ଶନ କଲେ ଆମାଜନ ଆଇନ ମୁଖ୍ୟ



ଭୁବନେଶ୍ୱର,୨୧।୨(ସମିସ): ଆମାଜନ ଚିଫ୍ ଗ୍ଲୋବାଲ୍ ଆଫାୟାର୍ସ ଓ ଆଇନ ଅଧିକାରୀ ଡାଭିଡ୍ ଏ ଜାପଲସ୍କି ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍‌ର ସମସ୍ତ ୟୁନିଟ୍ ବୁଲି ଦେଖିବା ସହ ଶିକ୍ଷା ଜରିଆରେ ଜନଜାତି ବିକାଶ କ୍ଷେତ୍ରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। କିସ୍‌ରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିପରି ମ୍ୟୁଜିକ୍, ଇତିହାସ ଓ ଆଇନ ଆଦି ପାଠ ପ୍ରତି ସେ ଆକୃଷ୍ଟ ହୋଇଥିଲେ, ସେ ସମ୍ପର୍କରେ କହିଥିଲେ। ପରେ, କିଟ୍‌ରେ ଏକ ଫାୟାରସାଇଡ୍ ଚାଟ୍ ଅଧିବେଶନରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆମାଜନର ବିଶ୍ୱ ନୀତିରେ ଭାରତର ଗୁରୁତ୍ୱ ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ଜାପଲସ୍କି କହିଲେ, ଆମାଜନ୍ ଭାରତରେ ପ୍ରାୟ ୪୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏଥିରେ ଡାଟା ଭିତ୍ତିଭୂମି ଓ କ୍ଲାଉଡ୍ କମ୍ପ୍ୟୁଟିଂରେ ପ୍ରମୁଖ ନିବେଶ ଅନ୍ତର୍ଭୁକ୍ତ। କର୍ପୋରେଟ୍‌ଗୁଡ଼ିକ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପଗୁଡ଼ିକୁ ସେମାନଙ୍କ ମୂଳ ଦକ୍ଷତା ଅନୁଯାୟୀ ପ୍ରସ୍ତୁତ କରିବା ଉଚିତ ଏବଂ ବିପର୍ଯ୍ୟୟ ସହାୟତା ଏବଂ ପରିବେଶଗତ ପ୍ରୟାସ ସମେତ ସାମୁଦାୟିକ ପ୍ରଭାବ ପାଇଁ ଏହାର ପ୍ରଯୁକ୍ତିବିଦ୍ୟା ଏବଂ ଲଜିଷ୍ଟିକ୍ କ୍ଷମତାକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜାପଲସ୍କି ନିଜର ଅଭିଜ୍ଞତାର ଉଦାହରଣ ଦେଇ କହିଲେ ଯୁବପିଢ଼ି ପ୍ରତିଷ୍ଠା କିମ୍ବା ଦରମା ପଛରେ ନପଡି ନିଜ ଅନ୍ତରର କଥା ଶୁଣିବା ଜରୁରୀ। ଯାହା ତୁମକୁ ଖୁସି କରିପାରିବ ତାହା କର ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଚ୍ୟୁତ ସାମନ୍ତ ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ଡାଭିଡ୍‌ଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା।

## ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଉଦ୍‌ଘାଟନ ଉତ୍ସବ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର, ୨୧।୨(ସମିସ): ଯାଜପୁରର ସୁକିନ୍ଦାଠାରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୁକିନ୍ଦା ମଲ୍ଟି ସ୍କିଲିଂ ସେଣ୍ଟରକୁ ପ୍ରଦାନ କରାଯାଇଛି। ଏହି ପରିପେକ୍ଷୀରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚଡି କୁମାର ସ୍ୱାମୀଙ୍କୁ ନୂଆଦିଲ୍ଲୀରେ ଭେଟି ଏହି ଇସ୍ପାତ ପ୍ରତିଷ୍ଠାନ ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଯନ୍ତ୍ରପାତି ଯୋଗାଇବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସାଂସଦ ଶ୍ରୀ ବେହେରା ଅନୁରୋଧ କରିଛନ୍ତି। ଯାହାଫଳରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାର ସ୍ୱାମୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିବେ। ଏହି ଉଦଘାଟନ ସମୟରେ ଦାନଗଦୀ ବ୍ଲକର କଳିଙ୍ଗ ନଗରରେ ୨୫ ଏକର ଦେଇଥିବା ଜମିରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ସ୍ଥାୟୀ କ୍ୟାମ୍ପସ୍ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବା ଉଚିତ ହେବ ଯାହା ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ଏବଂ ଓଡ଼ିଶା ପାଇଁ ମାଇଲଖୁଣ୍ଟ ହେବ ବୋଲି ସାଂସଦ ଶ୍ରୀ ବେହେରା କହିଛନ୍ତି।

## ସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ଗଣମାଧ୍ୟମ କର୍ମଶାଳା

ଭୁବନେଶ୍ୱର, ୨୧।୨(ସମିସ): ୟୁନିସେଫ୍ ଓଡ଼ିଶା ଏବଂ ଓଡ଼ିଶା ଓମେନ୍ ଇନ୍ ମିଡିଆ ସହଯୋଗିତାରେ ଭୁବନେଶ୍ୱରରେ ଶୁକ୍ରବାର 'ହେଲ୍‌ଦି ପ୍ଲେଟସ୍, ହାପି ଲାଇଭସ୍' ତଥା 'ସ୍ୱାସ୍ଥ୍ୟକର ଭୋଜନ, ସୁସ୍ଥ ଜୀବନ' ଶୀର୍ଷକରେ ଏକ ଗଣମାଧ୍ୟମ କର୍ମଶାଳା ଆୟୋଜିତ ହୋଇଛି। ଏହା ଶିଶୁ ଓ କିଶୋରମାନଙ୍କର ପୋଷଣ ଉପରେ ରିପୋର୍ଟିଂକୁ ସୁଦୃଢ଼ କରିବା ପାଇଁ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏକତ୍ର କରାଯାଇଥିଲା। ଏହି କର୍ମଶାଳାରେ ୟୁନିସେଫ୍ ଓଡ଼ିଶାର ନ୍ୟୁଟ୍ରିସନ ସ୍ପେଶାଲିଷ୍ଟ ସୌରଭ ଭଟ୍ଟାଚାର୍ଜି କହିଥିଲେ। ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱଦେଇ ସୁଚିନ୍ତିତ ରିପୋର୍ଟିଂ କିଭଳି ପୋଷଣକୁ ଏକ ସାମୂହିକ ଦାୟିତ୍ୱ ଏବଂ ସର୍ବସାଧାରଣ ଗୁରୁତ୍ୱ ଭାବରେ ଉପସ୍ଥାପିତ କରିପାରିବ, ସେ ସମ୍ପର୍କରେ ୟୁନିସେଫ୍ ଓଡ଼ିଶାର କମ୍ୟୁନିକେସନ ସ୍ପେଶାଲିଷ୍ଟ ଆସ୍ଥା ଆଲାଙ୍ଗ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଓମେନ୍ ଇନ ମିଡିଆ ପ୍ରେସିଡେଣ୍ଟ କସ୍ତୁରୀ ରାୟ ମଧ୍ୟ ଏହି ରିପୋର୍ଟିଂ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।




## ଅନ୍ତର୍ଜାତୀୟ ମାତୃଭାଷା ଦିବସ

### 'ଓଡ଼ିଶାରେ ମାତୃଭାଷାରେ ଶିକ୍ଷାଦାନରେ ସଙ୍କଟ'



ଭୁବନେଶ୍ୱର, ୨୧।୨(ସମିସ): ଲୋହିଆ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ 'ଓଡ଼ିଶାରେ ମାତୃଭାଷାରେ ଶିକ୍ଷାଦାନରେ ସଙ୍କଟ' ଶୀର୍ଷକ ଆଲୋଚନାଚକ୍ର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ ଶିକ୍ଷାସନ୍ଧାନର ସମ୍ପାଦକ ଅନିଲ ପ୍ରଧାନ ଯୋଗଦେଇ ଥିଲେ। ଏହି ଅବସରରେ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଆଲୋଚକ ଭାବରେ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ସୁମିତ୍ରା ପଟେଲ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟଙ୍କ ସମେତ ଅନେକ ଭାଷା ପ୍ରେମୀ, ସାମାଜିକକର୍ମୀ ଏବଂ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଆଦିବାସୀ ଅଞ୍ଚଳରେ ଆଦିବାସୀ ପିଲାଙ୍କ ପାଇଁ ତାଙ୍କ ଭାଷା ଜାଣିଥିବା ଶିକ୍ଷକ ନଥିବାରୁ ସେହି ପିଲାମାନେ ଯେଉଁ ଓଡିଆ ଭାଷାରେ ଲେଖା ଏବଂ ପଢ଼ାଯାଉଛି, ତାହା ବୁଝିପାରୁନାହାନ୍ତି। ସରକାରଙ୍କ ନୀତି ଅନୁସାରେ ସେହି ଅଞ୍ଚଳରେ ତାଙ୍କ ଭାଷା ଜାଣିଥିବା ଜଣେ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ହେବା କଥା। ହେଲେ ନାମ ମାତ୍ର କେତୋଟି ସ୍କୁଲ ଛାଡିଦେଲେ ଅନ୍ୟ ସ୍କୁଲ ଗୁଡିକରେ ସେହି ଭାଷା ଜାଣିଥିବା ଶିକ୍ଷକମାନେ ନଥିବାରୁ ସେଠାକାର ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ତେଣୁ ମାତୃଭାଷା ଦିବସ ଅବସରରେ ଆଦିବାସୀ ଅଞ୍ଚଳ ପାଇଁ ଉପଯୁକ୍ତ ଆଦିବାସୀ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ସଭାରେ ଦାବି ହୋଇଥିଲା।

### 'ମାତୃଭାଷା ହିଁ ଆମ ଅସ୍ତିତ୍ୱ ଓ ଆମ ଅସ୍ମିତା'

ଭୁବନେଶ୍ୱର, ୨୧।୨(ସମିସ): 'ବିଶ୍ୱ ଓଡ଼ିଆ ପରିବାର' ପକ୍ଷରୁ ଭୁବନେଶ୍ୱରଠାରେ 'ବିଶ୍ୱ ମାତୃଭାଷା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ 'ଭାବ ବିନିମୟ ସଭା' ଅନୁଷ୍ଠିତ ହୋଇଥିଲା। ଏହି ସଭାରେ 'ଆମ ଅସ୍ମିତା ଆମ ଅସ୍ତିତ୍ୱ, ଆମ ଭାଷା ଆମ ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ମତ ଉପସ୍ଥାପନ କରିଥିଲେ। ବିଶ୍ୱ ଓଡ଼ିଆ ପରିବାର' ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସଭାରେ ସବର୍ଶ୍ରୀ ଡାକ୍ତର ପ୍ରତାପ ପାଣି, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ମିଶ୍ର, ସାହିତ୍ୟିକ ମନୋରଞ୍ଜନ ଷଡଙ୍ଗୀ, ଶଶୀଭୂଷଣ ରଥ, କଳିଙ୍ଗ ଟିଭିର ସୃଜନାତ୍ମକ ନିର୍ଦ୍ଦେଶକ ରକ୍ଷକ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ

### ସଂସ୍କୃତି ଭବନରେ ବିଶ୍ୱ ମାତୃଭାଷା ଦିବସ

ଭୁବନେଶ୍ୱର, ୨୧।୨(ସମିସ): ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡା. ବିଜୟ କେତନ ଉପାଧ୍ୟାୟ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଷାବିତ୍ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଶିଶୁ ସାହିତ୍ୟିକ ଦାଶ ବେନହୁର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱ ମାତୃଭାଷା ଦିବସ ପାଳନ ହେବା ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଶୁଦ୍ଧ ଓଡ଼ିଆ ଲିଖନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ସ୍ନାୟୁରୋଗ ଡାକ୍ତରଙ୍କ ଅଭାବକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର, ୨୧।୨(ସମିସ): ବିଭିନ୍ନ କାରଣରୁ ଏବେ ଭାରତ ବା ସମଗ୍ର ରାଜ୍ୟ ମାନଙ୍କରେ ସ୍ନାୟୁ ଜନିତ ରୋଗ କ୍ରମଶଃ ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଅନୁରୂପ ସ୍ଥିତ ରହିଛି। ଏଭଳି ରୋଗ ବଢୁଥିବାବେଳେ ସେହି ତୁଳନାରେ ସ୍ନାୟୁରୋଗ ବିଭାଗ ଡାକ୍ତରଙ୍କ ସଂଖ୍ୟା କିନ୍ତୁ କମିବାରେ ଲାଗିଛି। ନିର୍ଦ୍ଧିଷ୍ଟ କେତେକ କାରଣ ବା କଟକଣା ସ୍ନାୟୁରୋଗ ଡାକ୍ତର ସୃଷ୍ଟି କରିବାରେ ପ୍ରତିବନ୍ଧକ ସାଜୁଛି। ଭୁବନେଶ୍ୱରରେ ନିୟୁରୋଲୋଜିକାଲ ସର୍ଜନ ସୋସାଇଟି ଅଫ ଇଣ୍ଡିଆ (ନାସିକନ)ର ତିନି ଦିନିଆ ସମ୍ମିଳନୀର ଉଦ୍ଘାଟନୀ ଉତ୍ସବରେ ସାମିଲ ହୋଇ ବହୁ ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ଏହି ମତ ଉପସ୍ଥାପନ କରିଛନ୍ତି। ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥିଭାବେ ଡାକ୍ତର ସୁକାନ୍ତ ମହାପାତ୍ର (ନିଷ୍ଟ କଲେଜ ମୁଖ୍ୟ) ଯୋଗଦେଇଥିବା ବେଳେ, ଅନ୍ୟତମ ଅତିଥିଭାବେ ଡାକ୍ତର ଥୋମାପ ହେଗେଡେ, ଡାକ୍ତର ଶକ୍ତିମୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସ୍ନାୟୁ ରୋଗ ବିଶେଷଜ୍ଞ ତଥା ଡାକ୍ତର ବ୍ରିଗେଡ଼ିଅର ପି. କେ. ସାହୁ ଏବଂ ଡାକ୍ତର ରିତେଶ ଭୋତଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି।

## ନନ୍ଦନକାନନରେ ବିଶ୍ୱ ବଜ୍ରକାପ୍ତା ଦିବସ

ନନ୍ଦନକାନନ, ୨୧।୨(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଜି 'ପାଙ୍ଗୋଲିନ୍ ସଂରକ୍ଷଣ' ଉପରେ ଏକ ଦିନିକିଆ କର୍ମଶାଳା ସହିତ ବିଶ୍ୱ ପାଙ୍ଗୋଲିନ୍ ଦିବସ ପାଳିତ ହୋଇଯାଇଛି। ନନ୍ଦନକାନନର ଉପ-ନିର୍ଦ୍ଦେଶକ, ରେଞ୍ଜ ଅଫିସର, ଜୀବବିଜ୍ଞାନୀ ଏବଂ ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଏଥିରେ ଜୁ-ଭଲଣ୍ଟିୟର, ଜୁ-ଇଣ୍ଟର୍ଣ୍ଣ, ନନ୍ଦନକାନନର କର୍ମଚାରୀ ଏବଂ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଶାଇ ୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉପ-ନିର୍ଦ୍ଦେଶକ ନିଜ ଅଭିଭାଷଣରେ ସାଧାରଣ ଜନତାଙ୍କ ମଧ୍ୟରେ ବଜ୍ରକାପ୍ତା ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜୀବବିଜ୍ଞାନୀ ଡଃ ରାଜେଶ କୁମାର ମହାପାତ୍ର ଭାରତୀୟ ବଜ୍ରକାପ୍ତାର ଜୀବନବିଜ୍ଞାନ, ପରିସଂସ୍ଥାନ ଏବଂ ସଂରକ୍ଷଣ ଉପରେ ଏକ ବିଶେଷ ଆଲୋକପାତ କରିଥିଲେ। ଏହାପରେ ଏକ କୁଇଜ୍ ଏବଂ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ରର କର୍ମଚାରୀମାନଙ୍କୁ ସେମାନଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ଉପ-ନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟାଖ୍ୟା କେନ୍ଦ୍ର ସମ୍ମୁଖରେ ସୂଚନା ଫଳକ ଏବଂ ସେଲଫି ଷ୍ଟାଣ୍ଡ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ନନ୍ଦନକାନନର ଫିଲ୍ଡ ବାୟୋଲୋଜିଷ୍ଟ ସମସ୍ତ ଅତିଥି, ପ୍ରତିଯୋଗୀ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ସରକାରୀ କାର୍ଯ୍ୟରେ ଓଡ଼ିଆ ବ୍ୟବହାର ପାଇଁ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୧।୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀଙ୍କ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଲିଖନ କୌଶଳ, ଓଡ଼ିଆ ବାକ୍ୟ ଗଠନ, ଓଡ଼ିଆରେ ଚିଠା ଓ ଟିପ୍ପଣୀ ପ୍ରସ୍ତୁତ, ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ ଏବଂ ଓଡ଼ିଆ ଭାଷାରେ ଆଦେଶନାମା ପ୍ରସ୍ତୁତି ଆଦିକୁ ନେଇ ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଡ. ରମେଶ ଚନ୍ଦ୍ର ମଲ୍ଲିକ, ଡ. ବୈଷ୍ଣବ ଚରଣ ମହାନ୍ତି, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସୁରେନ୍ଦ୍ର ଦାଶ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

